# <u>୭୩ତମ ସ୍ୱାଧୀନତା ଦିବସ ସମାରୋହ</u>

## <u>Celebration of 73rd District Level Independence Day.</u>

ଜିଲ୍ଲା ସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ସମାରୋହ ଗତକାଲି ଅନୁଗୋଳରେ ପାଳିତ ହୋଇଯାଇଛି । ଅନୁଗୋଳ ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ଓଡ଼ିଶାର ମାନ୍ୟବର ଜଙ୍ଗଲ ଓ ପରିବେଶ,ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଂଶଗ୍ରହଣ କରିଥିବା ୪୩ଟି ଦଳ ଠାରୁ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳୀ ଦେଇଥିବା ମହାନ ମନିଷୀ ତଥା ଅନୁଗୋଳ ମାଟିର ଶହିଦ ତଥା ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗପୂତ ବଳିଦାନରେ କଷ୍ଟଲବ୍ଧ ସ୍ୱାଧୀନତା ପାଇଁ ସେମାନଙ୍କ ଉଦ୍ଦେଶ୍ୟରେ ଭକ୍ତି ପୂତ ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଚଳିତ ବର୍ଷ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ଦେଶ ପାଇଁ ତାଙ୍କର ମହାନ ଅବଦାନକୁ ମନ୍ତ୍ରୀ ସ୍ମରଣ କରିଥିଲେ । ଅନୁଗୋଳ ଜିଲ୍ଲା ତାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ପାଇଁ ବିଶ୍ୱ ବିଖ୍ୟାତ । ଶିଳ୍ପ ସମୃଦ୍ଧ ଏହି ଜିଲ୍ଲା ଓଡ଼ିଶାର ଅର୍ଥନୀତିକୁ ବିଶେଷ ଭାବେ ପ୍ରଭାବିତ କରୁଛି । ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବା ସହ କର୍କଟ ରୋଗୀମାନଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ୱାର୍ଡ ମଧ୍ୟ ଖୋଲାଯାଇଛି । ଜିଲ୍ଲାରେ ଖାଲିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରୁ ବିଭିନ୍ନ ଡାକ୍ତରଖାନାରେ ସୁପରସ୍ପେସିଆଲିଷ୍ଟ ଡାକ୍ତର ନିଯୁକ୍ତ କରାଯାଇଛି । ସେହିପରି ଗୁରୁତର କିଡ଼ନି ରୋଗୀମାନଙ୍କ ଚିକିତ୍ସା ନିମନ୍ତେ ଡାଏଲୋସିସ ସେବା ମାଗଣାରେ ଯୋଗାଇ ଦିଆଯାଉଛି । ନୂଆ ରାଜଗୋଡ଼ା ଗ୍ରାମ ସ୍ଥାନାନ୍ତରଣ ଓ ବଡମୂଳ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ଏହି ଜିଲ୍ଲା ପ୍ରଗତି ଓ ସମୃଦ୍ଧିର ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଓଡ଼ିଶାର ପ୍ରଗତି ଉତ୍ସାହ ଜନକ । ବିକାଶର ଯେତେ ସବୁ ସୂଚକାଙ୍କ ରହିଛି ସବୁଥିରେ ଓଡ଼ିଶା ଉନ୍ନତି କରିଛି । ଆଜିର ଓଡ଼ିଶା ହେଉଛି ନିରନ୍ତର ଅଭିବୃଦ୍ଧିର ଉଜ୍ଜ୍ୱଳତମ ଉଦାହରଣ । ମୁଖ୍ୟମନ୍ତ୍ରୀଙ୍କର ଆହ୍ୱାନରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଟିମ୍ ୱାର୍କ,ଟ୍ରାନ୍ସପାରେନ୍ସି,ଟେକ୍ନୋଲୋଜି,ଟ୍ରାନ୍ସଫରମେସନ ଓ ଟାଇମ୍ ପରି ୫ ଗୋଟି 'ଟି' ପ୍ରୟୋଗ କରାଯାଇ ଲୋକମାନଙ୍କୁ ସକ୍ରିୟ ଓ ସମୟଭିତ୍ତିକ ସେବା ଯୋଗାଇ ଦିଆଯାଉଛି । ରାଜ୍ୟ ଓ ଏହାର ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବା ଉପରେ ଅଭିପ୍ରେତ ଏହି ୫ଗୋଟି 'ଟି' ସୁ ପ୍ରଶାସନ ପ୍ରତିଷ୍ଠା ନିମନ୍ତେ ବିଜ ମନ୍ତ୍ର ଅଟେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ବିକାଶର ପ୍ରକ୍ରିୟାରେ ରାଜ୍ୟ ମହିଳାମାନଙ୍କୁ ସମାନ ଭାଗିଦାର ରୂପେ ବିବେଚନା କରିବା ସହ ମହିଳା ସଶକ୍ତି କରଣ ଓ ସାମାଜିକ ସୁରକ୍ଷା ଦିଗରେ ବର୍ତ୍ତମାନ ଏହା ଏକ ଆଦର୍ଶ ରାଜ୍ୟ ହୋଇପାରିଛି । ସରକାର କୃଷି,ଜଳସେଚନ,ଶିକ୍ଷା,ସ୍ୱାସ୍ଥ୍ୟ,ଗ୍ରାମ୍ୟଉନ୍ନୟନ, ପଞ୍ଚାୟତରାଜ,ସାମାଜିକ ସୁରକ୍ଷା, ଆଦିବାସୀ କଲ୍ୟାଣ, ଶକ୍ତି, ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ସରକାର ସଫଳତାର ସୋପାନ ଅତିକ୍ରମ କରିଛନ୍ତି । ସରକାରଙ୍କର 'ଆମ ଗାଁ ଆମ ବିକାଶ' ଏକ ଯୁଗାନ୍ତକାରୀ ପଦକ୍ଷେପ । ମୁଖ୍ୟମନ୍ତ୍ରୀ ସିଧାସଳଖ ପଞ୍ଚାୟତ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ହୋଇ ସମ୍ପୃକ୍ତ ଅଂଚଳର ସମସ୍ୟା ଦୂର କରିବା ନିମନ୍ତେ ଅର୍ଥ ମଂଜୁର କରୁଛନ୍ତି । ସେହିପରି କୃଷି ଓ କୃଷକର ଉନ୍ନତି କଳ୍ପେ ଆରମ୍ଭ ହୋଇଛି "କାଳିଆ" ଯୋଜନା ଯେଉଁଥିରେ ରାଜ୍ୟର ସମସ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେଉଛନ୍ତି । ମୁଖ୍ୟମନ୍ତ୍ରୀ ଏହାର ଅବଧିକୁ ଆହୁରି ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଆହାର ଯୋଜନାରେ ସହରାଂଚଳକୁ ଆସିଥିବା ଗରିବ ଲୋକମାନଙ୍କୁ ୫ ଟଂକାରେ ରନ୍ଧା ଖାଦ୍ୟ, ଯାଗା ଯୋଜନାରେ ସହରାଂଚଳର ବସ୍ତିବାସିନ୍ଦାଙ୍କୁ ଭୂମୀ ଅଧିକାର ପ୍ରଦାନ ଓ ବିଜୁ ପକ୍କା ଘର ଯୋଜନାରେ ଗରିବ ଲୋକ,ନିର୍ମାଣ ଶ୍ରମିକ,ସଂଖ୍ୟାଲଘୁ ଓ ଭିନ୍ନକ୍ଷମ ହିତାଧିକାରୀଙ୍କୁ ସରକାର ଗୃହ ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ

କରିଥିଲେ । ସେହିପରି ଆମ ଏଲ୍ ଇ ଡି ଯୋଜନାରେ ପ୍ରତି ଘରକୁ ଏଲ୍ ଇ ଡି ବଲବ୍ ପ୍ରଦାନ କରାଯାଉଛି । କୃଷି ଉତ୍ପାଦନ କ୍ଷେତ୍ରରେ ଆମ ସଫଳତା ପାଇଁ ଗତ ୮ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡିଶାକୁ ୫ ଥର "କୃଷି କର୍ମଣ" ପୁରସ୍କାର ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଶିକ୍ଷା କ୍ଷେତ୍ରରେ ଛାତ୍ର ଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ, ମାଗଣା ଲାପଟପ୍ ପ୍ରଦାନ,କଳିଙ୍ଗ ଶିକ୍ଷା ସାଥୀ ଯୋଜନାରେ କମ୍ ସୁଧରେ ଉଚ୍ଚ ଶିକ୍ଷା ନିମନ୍ତେ ଋଣ ବ୍ୟବସ୍ଥା, ମାଗଣା ପାଠ୍ୟ ପୁସ୍ତକ,ସାଇକେଲ ଓ ୟୁନିଫର୍ମ ବ୍ୟବସ୍ଥା କରିଛନ୍ତି । ମୋ ସ୍କୁଲ ଅଭିଯାନ,ଓଡିଶା ଆଦର୍ଶ ବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜ ପ୍ରତିଷ୍ଠା ଠାରୁ ଆରମ୍ଭ କରି ଭିନ୍ନକ୍ଷମ ଓ ସଂଖ୍ୟାଲଘୁମାନଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଉଛି । ଓଡିଆ ଭାଷା ଓ ସାହିତ୍ୟର ବିକାଶ ପାଇଁ ମେଧାବୃତ୍ତି,ଭାଷା ବୃତ୍ତି,ଫକିର ମୋହନ ସେନାପତିଙ୍କ ନାମରେ ଓଡିଶା ଭାଷା ସମ୍ମାନ,ବରିଷ୍ଠ ନାଗରିକଙ୍କ ପାଇଁ ତିର୍ଥଯାତ୍ରୀ ଯୋଜନା,କଳା ଓ ସଂସ୍କୃତି ସଂଘ ମାଧ୍ୟମରେ କଳାକାରମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାର କାର୍ଯ୍ୟକ୍ରମ ଜାରି ରହିଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ ସେବା ସୁବିଧା ଯୋଗାଇ ଦେଉଛନ୍ତି । ୪ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା,ଅଧିକ ଡାକ୍ତର ସୃଷ୍ଟି,ମେଡିକାଲ କଲେଜ ଗୁଡିକରେ ସବୁ ପ୍ରକାର ଚିକିତ୍ସା,ପରିକ୍ଷା ଓ ଔଷଧ ମାଗଣାରେ ଉପଲବ୍ଧ,ଦୁର୍ଗମ ଅଞ୍ଚଳରେ ଡିଜିଟାଲ ଡିସପେନସାରୀ ପ୍ରତିଷ୍ଠା,ନିରାମୟ ଯୋଜନାରେ ସବୁ ରୋଗ ପାଇଁ ମାଗଣା ଔଷଧ ବିତରଣ, ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେମୋଥେରାପି,ଡାଏଲୋସିସ୍ ପ୍ରଭୃତି ସେବା ମାଗଣାରେ ଯୋଗାଇ ଦିଆଯାଉଛି । ମହିଳା ସଶକ୍ତିକରଣ ପାଇଁ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ହିତାଧିକାରୀଙ୍କୁ ପ୍ରୋତ୍ସାହନ, ୩ଲକ୍ଷ ଗ୍ରୁପ୍‌କୁ ୧୫ ହଜାର ଟଙ୍କାର ସିଡ୍ ମନି ପ୍ରୋତ୍ସାହନ ଓ ୬ଲକ୍ଷ ଗୋଷ୍ଠୀଙ୍କୁ ଡିଜିଟାଲ କ୍ଷେତ୍ରରେ ସମର୍ଥ କରିବାକୁ ଉଦ୍ୟମ କରାଯିବା ସହ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ମିଶନ ଶକ୍ତି ଋଣ ସରକାର ଯୋଗାଇ ଦେଉଛନ୍ତି । ସମୃଦ୍ଧ ଦେଶ ଓ ସମୃଦ୍ଧ ରାଜ୍ୟ ଆମର ସ୍ୱପ୍ନ ଓ ସଂକଳ୍ପ । ସ୍ୱାଧୀନତା ପରେ ଓଡିଶାର ପ୍ରଗତି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ସ୍ୱାଧୀନତା ଦିବସ ଆମ ପାଇଁ ସଂକଳ୍ପର ଦିବସ ଓ ଆତ୍ମ ସମୀକ୍ଷା କରିବାର ଦିବସ । ଆମେ ନେଇଥିବା ସଂକଳ୍ପ ଆଜି କେତେ ଦୂର ସଫଳ ହୋଇପାରିଛି ତାହା ଏହି ଦିବସ ଅବସରରେ ସମୀକ୍ଷା କରିବା ଉଚିତ୍ । ଅନୁଗୋଳ ଜିଲ୍ଲାର ଯେଉଁ ପୁଣ୍ୟଭୂମୀ ଉପରେ ମୋତେ ପାଦ ରଖିବାର ସୌଭାଗ୍ୟ ମିଳିଛି,ଏଠାରେ ବହୁ ପ୍ରାଚୀନ କାଳରୁ ମାନବବାଦର ବିକାଶ ଘଟିଛି । ଏହି ପବିତ୍ର ମାଟିରେ ମୁଁ ଏ ମାଟିର ସନ୍ତାନମାନଙ୍କୁ ଅଭିବାଦନ ଜଣାଉଛି ବୋଲି ମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ । ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ । ଜିଲ୍ଲାରେ ବୃକ୍ଷରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ଉଦ୍ୟାନ ବିଭାଗ ତରଫରୁ ସମସ୍ତ ପୁରସ୍କାର ବିଜେତା ଓ ଜନସାଧାରଣଙ୍କୁ ଔଷଧ ଓ ଫଳଚାରା ପ୍ରଦାନ କରାଯାଇଥିଲା । ଗତ ହାଇସ୍କୁଲ ସାର୍ଟିଫିକେଟ ଦଶମ ଶ୍ରେଣୀ ପରୀକ୍ଷାରେ ଅନୁଗୋଳ ଶିକ୍ଷା ଜିଲ୍ଲାରୁ ସର୍ବାଧିକ ନମ୍ବର ରଖି ଉତୀର୍ଣ୍ଣ ହୋଇଥିବା ସରସ୍ୱତୀ ବିଦ୍ୟା ମନ୍ଦିର ଅନୁଗୋଳର ଛାତ୍ର ଶ୍ରୀ ଶିବ ପ୍ରସାଦ ପାଣି,ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟ(ହେଷ୍ଟାଲ ଓ୍ୱାର୍କସପ୍) ତାଳଚେରର ଛାତ୍ରୀ ରତିନା ରଥିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସି ବି ଏସ୍ ଇ ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରିୟ ବିଦ୍ୟାଳୟ,ଏନ୍ ଟି ପି ସି,କଣିହାଁର ଛାତ୍ର ଶ୍ରୀ ଅଭିଜମୟ ଦତ୍ତ, ଡିଏଭି ପବ୍ଲିକ ସ୍କୁଲ,ଏନ୍ ଟି ପି ସି,କଣିହାଁର ଛାତ୍ରୀ ଶିବାଂଶୀ ରାୟ,ଡିଏଭି ପବ୍ଲିକ୍ ସ୍କୁଲ ହେରା,ଜଗନ୍ନାଥ ଏରିଆ,ତାଳଚେରର ଦୁଇ ଜଣ ଛାତ୍ରୀ ଉନ୍ନତି ଦତ୍ତ ଓ ଅଦିତି ଓଟ୍ଟେଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରିବା ନିମନ୍ତେ ପତଂଜଳୀ ଯୋଗ ସମିତି,ଆମ ସଂସ୍କୃତି ସେବା ଓ ସାଂସ୍କୃତିକ ଅନୁଷ୍ଠାନ, ଅନୁଗୋଳ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷା ଶ୍ରୀମତୀ ସୁକାନ୍ତି ଦାସ ଓ ଲିଟିଲ ହାର୍ଟ ଟଡଲର୍ସ ଏକାଡେମୀ ତରଫରୁ ଯଥାକ୍ରମେ ୫ହଜାର ଟଙ୍କା (୩ ଜଣଙ୍କୁ) ଓ ୪ ହଜାର ଟଙ୍କା (୩ ଜଣଙ୍କୁ) ଲେଖାଏଁ ପୁରସ୍କାର ରାଶି ସହ କପ୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ମାନସିକ ସଚେତନତା ରଥ ପରେଡ ପଡିଆରେ ପ୍ରଦର୍ଶିତ ହୋଇଥିଲା । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ

ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଭିଜନ ସ୍ୱରାଜ' ତରଫରୁ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଷ୍ଟାଡିୟମ ପାର୍ଶ୍ୱରେ ଶୁଭାରମ୍ଭ କରିଥିଲେ । ପରେଡ ମାର୍ଚ୍ଚ ପାଷ୍ଟରେ ଅଂଶଗ୍ରହଣ କରିଥିବା ୪୩ଟି ଦଳ ମଧ୍ୟରୁ ଶ୍ରେଷ୍ଠ ପରେଡ ପ୍ରଦର୍ଶନ କରିଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ଅନୁଗୋଳ ଉଚ୍ଚ ବିଦ୍ୟାଳୟ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,ଟାଉନ୍, ଉଚ୍ଚ ବିଦ୍ୟାଳୟ,ଜବାହର ନବୋଦୟ ବିଦ୍ୟାଳୟ,ଉତ୍ତରପଡା ନୋଡାଲ ଉ ପ୍ରା ସ୍କୁଲ ଓ ଓଡିଶା ବ୍ରିଗେଡ ସ୍କୁଲକୁ ସିଲ୍ଡ ପ୍ରଦାନ କରାଯାଇଥିଲା । ସ୍ୱାଧୀନତା ଦିବସ ପାଳନ ଅବସରରେ ଆଦର୍ଶ ଇଣ୍ଟର ନେସନାଲ ସ୍କୁଲ, ଆଇ ଡି ଆଲ ପବ୍ଲିକ୍ ସ୍କୁଲ ଓ ରୋଟାରୀ ପବ୍ଲିକ୍ ସ୍କୁଲର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟଚିକିତ୍ସାଳୟର ରକ୍ତଦାନ ଭବନ ଠାରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ ସେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ପ୍ରକାଶଥାଉକି ଏହି ଶିବିରରେ ସମୁଦାୟ ୪୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡକୁ ମୁଖ୍ୟ ଅତିଥି ପରିଦର୍ଶନ କରି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାମଧୁନ ରେକର୍ଡ ବଜାଯାଇ ସହର ପରିକ୍ରମା କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଜାତିର ଜନକ ମହାତ୍ମାଗାନ୍ଧି ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବା ସହ ଜିଲ୍ଲା କାର୍ଯ୍ୟାଳୟ,ଅନୁଗୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ସର୍ବଶିକ୍ଷା ଅଭିଯାନ ଓ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହାଛଡା ଜିଲ୍ଲାପାଳ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିତ୍ରଭାନୁ ମହାପାତ୍ରଙ୍କ ସହ ଅନୁଗୋଳ ଜେଲକୁ ପରିଦର୍ଶନରେ ଯାଇ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିବା ସହ ଏ ଟି ଭି ଦ୍ୱାରା ଅନ୍ତେବାସୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସ୍ୱାଧୀନତା ଦିବସର ସମସ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦା ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି,ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରତାପ କୁମାର ବେହେରା, ଡେପୁଟୀ କଲେକ୍ଟର ଶ୍ରୀ ବଭୃବା ଟିପ୍, ସର୍ବ ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଂଜନ ସାହୁ, ଅନୁଗୋଳ ପୋଲିସ ଷ୍ଟେସନର ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀ ରମେଶ ବିଶୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଜଗଦିଶ ରାଏଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ,ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ, ବୁଦ୍ଧିଜୀବି, ବିଶିଷ୍ଟ ବ୍ୟକ୍ତି,ପୋଲିସ ଅଧିକାରୀ,ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭାଗର ସମସ୍ତ କର୍ମଚାରୀ ଏଥିରେ ଆବଶ୍ୟକ ସହଯୋଗ କରିଥିଲେ । ଡି ଆଇ ଇ ଟି ଛେଣ୍ଡିପଦାର ବରିଷ୍ଠ ଶିକ୍ଷକ ଶ୍ରୀ କୃଷ୍ଣ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ସଂଧ୍ୟାରେ ଅନୁଗୋଳ ପୌରପାଳିକା ଟାଉନ୍ ହଲ୍ ଠାରେ ଏକକ ଅଭିନୟ ଓ କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା । ଏହାକୁ ଶ୍ରୀ ଭୂପେଶ ଚନ୍ଦ୍ର ପ୍ରଧାନ,ଶ୍ରୀ ଯଜ୍ଞ ରାଏ ଓ ଶ୍ରୀ ରଂଜନ କୁମାର ବେହେରା ବିଚାରପତି ଭାବେ ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ର ଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସମେତ ଜିଲ୍ଲା ସାମ୍ବାଦିକ ଶ୍ରୀ ଲକ୍ଷ୍ମୀ ପ୍ରସାଦ ଦ୍ୱିବେଦୀ ଓ ତାଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ ।





